بِسۡمِ اللّٰہِ الرَّحۡمٰنِ الرَّحِیۡمِ

୬ ଫେବୃଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଈଶ୍ୱରଭକ୍ତିର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍‌ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍‌ର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଆମମାନଙ୍କ ସକାଶେ ଏକ ସର୍ବୋତ୍ତମ ଆଦର୍ଶ ଓ ଜୀବନର ପ୍ରତ୍ୟେକ ମାମଲାରେ ତାଙ୍କର ଉତ୍ତମ କାର୍ଯ୍ୟକଳାପ ଆମମାନଙ୍କ ସକାଶେ ଅନୁକରଣୀୟ । ଗତ ଖୁତ୍‌ବାରେ ମୁଁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଈଶ୍ୱରଭକ୍ତି ଓ ଉପାସନା ସଂକ୍ରାନ୍ତରେ ଆଲୋଚନା କରିଥିଲି । **ପ୍ରକୃତପକ୍ଷେ ଉପାସନା ଈଶ୍ୱରପ୍ରେମ ବ୍ୟତୀରେକେ ସମ୍ଭବ ନୁହେଁ ଏବଂ ଈଶ୍ୱରପ୍ରେମ ଉପାସନା ବ୍ୟତୀରେକେ ସମ୍ଭବ ନୁହେଁ** । ଯଦି (ମନରେ) ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମାନୁରାଗ ନଥାଏ ତେବେ ପ୍ରକୃତ ଉପାସନା କରିବା ସମ୍ଭବ ହିଁ ନୁହେଁ । ଆଜି ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଚର୍ଚ୍ଚା କରିବି ।

ଅଲ୍ଲାଃତାଲା ମହାଭାଗଙ୍କ ଈଶ୍ୱରପ୍ରେମର ସ୍ତର ଓ ଆସନ ସଂକ୍ରାନ୍ତରେ ପବିତ୍ର କୁରଆନରେ ବର୍ଣ୍ଣନା ରହିଛି: କୁଲ୍ ଇନ୍ନା ସଲାତି ଓନୁସୁକି ଓ ମହ୍‌ୟାୟା ଓ ମମାତି ଲିଲ୍ଲାହି ରବ୍‌ବିଲ୍ ଆଲମୀନ୍ ଅର୍ଥାତ୍ ତୁମେ କହିଦିଅ ଯେ ମୋର ଉପାସନା, ମୋର ବଳିଦାନ ଓ ମୋର ଜୀବିତ ରହିବା, ମୋର ଦେହ ତ୍ୟାଗ କରିବା (ସର୍ବଶକ୍ତିମାନ) ଅଲ୍ଲାଃଙ୍କ ସକାଶେ ଉଦ୍ଦିଷ୍ଟ । ଯିଏକି ସକଳ ଜଗତର ପାଳନକର୍ତ୍ତା, ଅଲ୍ଲାଃତାଲା ମହାଭାଗଙ୍କୁ ଏକଥା ଘୋଷଣା କରିବାକୁ ନିର୍ଦ୍ଦେଶ ଦେଲେ ଯେ ଆମମାନଙ୍କୁ ମଧ୍ୟ ଏହି ଉଚ୍ଚତମ ସ୍ତର ହାସଲ କରିବା ସକାଶେ ମନୋଯୋଗ କରିବା ଉଚିତ୍ ।

ମହାମହିମ ହୁଜୁର ଅନୱ୍‌ର[ଅ.ବ] କହିଲେ; ଉପାସନା ସଂକ୍ରାନ୍ତରେ ପବିତ୍ର କୁରଆନରେ ଆଲ୍ଲାଃତାଲା ପୁଣ୍ୟଶ୍ଳୋକଙ୍କ ମାଧ୍ୟମରେ ଆମମାନଙ୍କୁ ଅଗଣିତ ନିର୍ଦ୍ଦେଶାବଳୀ ଦେଇଛନ୍ତି । ଯେପରିକି ସେ କହିଛନ୍ତି; ଓମାଖଲକ୍‌ତୁଲ୍ ଜିନ୍ନା ଓଲ୍‌ଇନ୍‌ସା ଇଲ୍ଲା ଲିୟାବୁଦୁନ୍ ଅର୍ଥାତ୍ ଆମ୍ଭେ ଜିନ୍ ଓ ମାନବକୁ ସୃଷ୍ଟି କରି ନାହୁଁ, କିନ୍ତୁ ଏହି ଉଦ୍ଦେଶ୍ୟରେ କି ସେ ଆମ୍ଭର ଉପାସନା କରିବ । ଆଉ ଏକ ସ୍ଥାନରେ କହିଛନ୍ତି; ୟାଅୟୁହନ୍ ନାସୁବୁଦୁ ରବ୍‌ବକୁମୁଲ୍ ଲଜି ଖଲକକୁମ୍ ଓଲ୍‌ଲଜିନା ମିନ୍ କବ୍‌ଲିକୁମ୍ ଲାଅଲ୍ ଲକୁମ୍ ତତ୍‌ତକୁନ୍ ଅର୍ଥାତ୍ ହେ ଲୋକମାନେ ! ନିଜ ପାଳନକର୍ତ୍ତାଙ୍କର ଉପାସନା କର ଯିଏକି ତୁମକୁ ସୃଷ୍ଟି କରିଛନ୍ତି ଓ ସେମାନଙ୍କୁ ମଧ୍ୟ ଯିଏକି ତୁମ ପୂର୍ବରୁ ଥିଲେ । ଫଳତଃ ତୁମେମାନେ ଧର୍ମପରାୟଣ ହୋଇଯିବ । ସୁତରାଂ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ହାସଲ କରିବା ଓ ଧର୍ମନିଷ୍ଠ ହେବା ସକାଶେ ଏହା ଜରୁରୀ ଯେ ଅଲ୍ଲାଃତାଲାଙ୍କ ଉପାସନା କର ଓ ଉପାସନାର ସ୍ତରକୁ ଉର୍ଦ୍ଧ୍ୱଗାମୀ କର ।

ପ୍ରିୟ ହୁଜୁର ଅନୱ୍‌ର[ଅ.ବ] କହିଲେ; ମହାଭାଗ ଯେତେବେଳେ ଆମକୁ ଏହି ଆଦେଶ ଦେଲେ ସେତେବେଳେ ସେ ସ୍ୱୟଂ ନିଜ ଆଚରଣ ଦ୍ୱାରା ତାହାର ଶେଷସୀମାରେ ଅଧିଷ୍ଠିତ ହୋଇଯାଇଥିଲେ । ପୁଣି ଆମମାନଙ୍କ ଧ୍ୟାନ କେନ୍ଦ୍ରିତ କଲେ ଯେ ପ୍ରକୃତ ଆଜ୍ଞାକାରୀତା ଓ ଅନୁସରଣ ତ ସେତେବେଳେ ପୂରଣ

ହେବ ଯେତେବେଳେ ଆମେ ନିଜକୁ ସେହି ସ୍ତରରେ ଉପନୀତ କରିବାକୁ ପ୍ରଚେଷ୍ଟା କରିବା । ମହାଭାଗଙ୍କ ସେହି ଦୁଆ ଯାହାକି ମହାଭାଗ ନିଜ ଅନୁଗାମୀମାନଙ୍କ ସକାଶେ କରିଛନ୍ତି, ଆମେମାନେ ସେଗୁଡ଼ିକର ସେତେବେଳେ ଉତ୍ତରାଧିକାରୀ ହୋଇପାରିବା ଓ ତାହା ଆମମାନଙ୍କ ପାଇଁ ଫଳପ୍ରଦ ସାବ୍ୟସ୍ତ ହେବ ଯେବେ ଆମେ ମହାଭାଗଙ୍କ ଉତ୍ତମ ନମୁନା ଓ ଆଦେଶାବଳୀକୁ ସର୍ବଦା ନିଜ ସମ୍ମୁଖରେ ରଖି ତାହାର ପାଳନ କରିବାକୁ ଉଦ୍ୟମ କରିବା । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଠାରେ ମୁଁ କିଛି ଉଦାହରଣ ଉପସ୍ଥାପନ କରିଦେଉଛି । ଗୋଟିଏ ବର୍ଣ୍ଣନା ମିଳୁଅଛି, ଯେ ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି– ଏକଦା ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଏପରି ଚଦର ଉପରେ ନମାଜ ପାଠ କଲେ ଯେଉଁଥିରେ ଚିତ୍ର ଅଙ୍କିତ ହୋଇଥିଲା । ହୁଜୁର[ସ.ଅ] ସେହି ଚିତ୍ର ଉପରେ ଏକ ନଜର ପକାଇଲେ, ଆଉ ନମାଜ ପାଠ କରିବା ପରେ କହିଲେ; ମୋର ଏହି ଚଦର ଅବୁ ଜହମ୍ ନିକଟକୁ ନେଇଯାଅ ଓ ତାଙ୍କର ବେରଙ୍ଗ (ଅର୍ଥାତ୍ ଚିତ୍ର ଅଙ୍କାଯାଇ ନଥିବା) ଚଦର ନେଇଆସ । କାରଣ ଏହି ଚିତ୍ର ଅଙ୍କା ଯାଇଥିବା ଚଦର ମୋର ନମାଜରୁ ଧ୍ୟାନ ଭଙ୍ଗ କରୁଅଛି ।

ହଜରତ ଜାଫର୍ ବିନ୍ ମୁହମ୍ମଦ[ର.ଅ] ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି, ଆମେମାନେ ହଜରତ ଆଏଶା[ର.ଅ]ଙ୍କୁ ପଚାରିଲୁ, ଆପଣଙ୍କ ଘରେ ହୁଜୁର[ସ.ଅ]ଙ୍କର ଶେଜ କେମିତି ଥିଲା । ଏଥିରେ ସେ କହିଲେ; ମହାଭାଗଙ୍କ ଶେଜ ଚମଡ଼ାର ଥିଲା, ଆଉ ସେଥିରେ ଖଜୁରିର ଖିଅ ଭରା ଯାଇଥିଲା । ହଜରତ ହଫ୍‌ସା[ର.ଅ]ଙ୍କୁ ପଚରା ଗଲା ଆପଣଙ୍କ ଘରେ ହୁଜୁର[ସ.ଅ]ଙ୍କର ଶେଜ କେମିତିକା ଥିଲା ? ଏଥିରେ ସେ ଉତ୍ତର ଦେଲେ, ମହାଭାଗଙ୍କ ଶେଜ ପଶମର ଥିଲା ଏବଂ ଆମେ ତାହାକୁ ଦୁଇ ପରସ୍ତ କରି ଦେଉଥିଲୁ । ଯହିଁରେ ମହାଭାଗ ବିଶ୍ରାମ କରୁଥିଲେ, ଏକଦା ରାତିରେ ମୁଁ ଚିନ୍ତା କରି ସେହି ଶେଜକୁ ମହାଭାଗଙ୍କ ସକାଶେ ଚାରି ପରସ୍ତ କରିଦେଉଛି, ଯଦ୍ଦ୍ୱାରା ମହାଭାଗଙ୍କୁ ଅଧିକ ନରମ ଲାଗିବ । ଅତଏବ ଆମେ ଶେଜକୁ ସେହିପରି କରିଦେଲୁ ଯେତେବେଳେ ସକାଳ ହେଲା ହୁଜୁର[ସ.ଅ] କହିଲେ; ତୁମେ ରାତିରେ (ବିଛଣାରେ) କ'ଣ ବିଛାଇ ଥିଲ ? ମୁଁ ଉତ୍ତର ଦେଲି, ତାହା ଆପଣଙ୍କର ହିଁ ଶେଜ ଥିଲା । ଆମେ ତାହାକୁ କେବଳ ଚାରି ପରସ୍ତ କରିଦେଇଥିଲୁ, ଯଦ୍ଦ୍ୱାରା ତାହା ଆପଣଙ୍କୁ ଅଧିକ ଆରାମଦାୟକ ହେବ । ମହାଭାଗ କହିଲେ; ତାହାକୁ ପୂର୍ବ ପରି କରିଦିଅ । **କାରଣ ଅଧିକ ନରମ ଶେଜ ମୋ ପାଇଁ ରାତ୍ରୀ କାଳୀନ ନମାଜ ପାଠ କରିବାରେ ବାଧକ ସାଜୁଅଛି ।**

ହଜରତ ମା'ଜ୍ ବିନ୍ ଜବଲ୍[ର.ଅ] ବର୍ଣ୍ଣନା କରନ୍ତି, ମୁଁ ବାହନ ଉପରେ ମହାଭାଗଙ୍କ ପଛରେ ବସିଥିଲି । ହୁଜୁର[ସ.ଅ] କହିଲେ; ହେ ମା'ଜ୍ ବିନ୍ ଜବଲ୍ ! ମୁଁ ଉତ୍ତର ଦେଲି, ହୁଜୁର ମୁଁ ଉପସ୍ଥିତ ଅଛି ଓ ମୋର ସୌଭାଗ୍ୟ, ମୋତେ ଆଦେଶ ଦିଅନ୍ତୁ । ହୁଜୁର[ସ.ଅ] କହିଲେ; କ'ଣ ତୁମେ ଜାଣ ଅଲ୍ଲାଃଙ୍କର ଭକ୍ତ ଉପରେ କି ଅଧିକାର ରହିଛି ? ମୁଁ ଉତ୍ତର ଦେଲି ଅଲ୍ଲାଃ ଓ ତାହାଙ୍କ ରସୁଲ ଭଲ ରୂପେ ଜାଣନ୍ତି । ତହୁଁ ମହାଭାଗ କହିଲେ; ଅଲ୍ଲାଃଙ୍କର ଭକ୍ତ ଉପରେ ଏହି ଅଧିକାର ନ୍ୟସ୍ତ ରହିଛି, ଯେ ସେ ତାଙ୍କର ଉପାସନା କରୁ ଓ କାହାରିକୁ ତାଙ୍କ ସମକକ୍ଷ ନମଣୁ । କିଛି ଦୂରତା ଅତିକ୍ରମ କରିବା ପରେ ପୁନଶ୍ଚ ହୁଜୁର[ସ.ଅ] ପଚାରିଲେ ହେ ମା'ଜ୍ ବିନ୍ ଜବଲ୍ ! ମୁଁ ଉତ୍ତର ଦେଲି, ହୁଜୁର ମୁଁ ଉପସ୍ଥିତ ଅଛି, ମୋର ସୌଭାଗ୍ୟ । ହୁଜୁର[ସ.ଅ] କହିଲେ; କ'ଣ ତୁମେ ଜାଣ ଭକ୍ତର ଅଲ୍ଲାଃଙ୍କ ଉପରେ କି ଅଧିକାର ଅଛି ? ମୁଁ ଉତ୍ତର ଦେଲି ଅଲ୍ଲାଃ ଓ ତାହାଙ୍କ ରସୁଲ ଭଲ ରୂପେ ଜାଣନ୍ତି । ପୁଣ୍ୟଶ୍ଳୋକ କହିଲେ; ଏହିକି ଯେ ସେ ନିଜ ଭକ୍ତକୁ ଶାସ୍ତି ଦେବାରୁ ବିରତ ରହିବେ ।

ହଜରତ ମସିହ ମଉଦ[ଅ.ସ] ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପ୍ରଶଂସାରେ ବର୍ଣ୍ଣନା କରିଛନ୍ତି; ଯେପରି ହୁଜୁର[ସ.ଅ] ପବିତ୍ର କୁରଆନର ପ୍ରକାଶନ ପାଇଁ ନିଯୁକ୍ତ ଥିଲେ, ସେହିପରି ସୁନ୍ନତ୍ ସକାଶେ ମଧ୍ୟ ନିର୍ଦ୍ଦେଶିତ

ଥିଲେ । ସୁତରାଂ ଯେପରିକି ପବିତ୍ର କୁରଆନ ନ୍ୟାୟର ପ୍ରତୀକ, ଠିକ୍ ସେହିପରି ସୁନ୍ନତେ ମାମୁଲା ମୁତୱାତିରଃ (ହଜରତ ମୁହମ୍ମଦସ.ଅଙ୍କ କାଳରୁ ଏଯାବତ ଚାଲି ଆସିଥିବା କାର୍ଯ୍ୟ)ର ପାଳନ କରିବା ପାଇଁ ମଧ୍ୟ ନିଯୁକ୍ତ ହୋଇଥିଲେ । ଏହି ଦୁଇଟି କର୍ମ ହୁଜୁରସ.ଅ ସ୍ୱୟଂ ସମ୍ପାଦନ କରିଛନ୍ତି ଓ ପ୍ରତ୍ୟକ୍ଷରେ କରି ଦେଖାଇଛନ୍ତି, ଯେ ଫଜର୍ ନମାଜର ଏତିକି ରେକାତ୍, ମଗରିବ୍ ନମାଜର ଏତିକି ରେକାତ୍ ଓ ବାକି ନମାଜଗୁଡ଼ିକର ଏତିକି ରେକାତ୍ ନିର୍ଦ୍ଧାରିତ ରହିଛି । ଏହିପରି ହଜ୍‌ର ଉପାସନା ଓ ବିଧି ସ୍ୱୟଂ କରି ଦେଖାଇଲେ ଏବଂ ସ୍ୱହସ୍ତରେ ସହସ୍ର ସାହାବିମାନଙ୍କୁ ସେଗୁଡ଼ିକର ପାଳନ କରିବାର ଅଭ୍ୟସ୍ତ କରାଇ, ସେହି ସୁନ୍ଦର ଆଚାର ବ୍ୟବହାରକୁ ଦୃଢ଼ତାର ସହିତ ସ୍ଥାପନ କରିଦେଲେ ।

ହଜରତ ମୁସଲେହ୍ ମଉଦର.ଅ ତହଜୁଦ୍ ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି, ପୁଣ୍ୟଶ୍ଳୋକଙ୍କୁ ଏହି ନୱାଫିଲ୍ ପାଠ କରିବାକୁ ଏପରି ଉତ୍କଣ୍ଠା ଓ ଧ୍ୟାନ ଥିଲା ଯେ ତାହା ନୱାଫିଲ୍ ଶ୍ରେଣୀର ହେବା ସତ୍ତ୍ୱେ ସାହାବାଙ୍କର ଗଭୀର ତତ୍ତ୍ୱାବଧାନ କରୁଥିଲେ, ଯେ କିଏ ଏହି ନମାଜ ପାଠ କରୁଅଛି । ମହାଭାଗ ସହରର ଗଳିକନ୍ଦି, ରାସ୍ତା ଇତ୍ୟାଦିର ପରିକ୍ରମା କରୁଥିଲେ ଯଦ୍ୱାରା ଜାଣିପାରିବେ ଯେ କେଉଁ କେଉଁ ବ୍ୟକ୍ତି ଏହି ନମାଜ ପାଠ କରୁଛନ୍ତି । ମହାମହିମ ହୁଜୁର ଅନୱରଅ.ବ କହିଲେ; ଆଜିକାଲି ଯଦି କାହାରିକୁ ପଚରା ଉଚରା କରାଯାଏ କି ତୁମେ କେତେ ଗୋଟି ନମାଜ ପାଠ କରୁଅଛ । ତେବେ ସେ ରୁଷ୍ଟ ହୋଇଯାଇଥାଏ, ଯେ ଏହା ଆମର ବ୍ୟକ୍ତିଗତ ମାମଲା । କିନ୍ତୁ ଦେଖ ହଜରତ ମୁହମ୍ମଦସ.ଅ ସ୍ୱୟଂ ସାହାବାମାନଙ୍କର ତଦାରଖ କରୁଥିଲେ ।

ଏକଦା ଏକ ବୈଠକରେ ହଜରତ ଅବ୍ଦୁଲ୍ଲାଃ ବିନ୍ ଉମର୍ର.ଅଙ୍କର କଥା ପଡିଲା ସେତେବେଳେ ହୁଜୁରସ.ଅ କହିଲେ; ହଁ ସେ ତ ବେଶ ଉତ୍ତମ ବ୍ୟକ୍ତି, କିନ୍ତୁ ଯଦି ସେ ତହଜୁଦ୍ ପାଠ କରନ୍ତେ ! ପୁନଶ୍ଚ ହୁଜୁରସ.ଅ କହିଲେ; ଅଲ୍ଲାଃତାଲା ଏହି ଇହଜଗତରେ ସେହି ପତିପତ୍ନୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଯଦି ରାତିରେ ସ୍ୱାମୀର ନିଦ ଭାଙ୍ଗେ ତେବେ ସେ ଉଠି ତହଜୁଦ୍ ପାଠ କରୁ ଓ ନିଜ ପତ୍ନୀଙ୍କୁ ଜାଗ୍ରତ କରୁ ଯେପରି ସେ ମଧ୍ୟ ତହଜୁଦ୍ ପାଠ କରିନେବ । ଆଉ ଯଦି ସେ ନଉଠେ ତେବେ ତା' ଚେହେରାରେ ପାଣି ଛିଣ୍ଟା ମାରି ଜଗାନ୍ତୁ । ଏହିପରି ଯଦି ପତ୍ନୀର ନିଦ ଭାଙ୍ଗେ ତେବେ ସେ ଉଠି ତହଜୁଦ୍ ପାଠ କରୁ ଓ ନିଜ ସ୍ୱାମୀଙ୍କୁ ଜାଗ୍ରତ କରାନ୍ତୁ । ଆଉ ଯଦି ସେ ନଉଠେ ତେବେ ତାଙ୍କ ଚେହେରାରେ ପାଣିର ଛିଣ୍ଟା ମାରି ଜାଗ୍ରତ କରାନ୍ତୁ ।

ପ୍ରିୟ ହୁଜୁର ଅନୱରଅ.ବ କହିଲେ; ନମାଜରେ ଆତୁରତା ପୂର୍ଣ୍ଣ ଭାବବିହ୍ୱୋଳ ହେବା ମଧ୍ୟ ନିତ୍ୟାନ୍ତ ଜରୁରୀ । ଏଥିପାଇଁ ମଧ୍ୟ ମନୁଷ୍ୟକୁ ଚେଷ୍ଟା କରିବା ଉଚିତ୍ । ହଜରତ ମସିହ ମଉଦଅ.ସ ଗୋଟିଏ ସୂତ୍ର ଏହା ଶିଖାଇଛନ୍ତି ଯେ ନମାଜରେ ନିଜ ଅବସ୍ଥା ରୋଦନ କରିବା ପରି କରିନିଅ ତେବେ ଏପ୍ରକାର ଅବସ୍ଥା ଉତ୍ପନ୍ନ କରିବା ଦ୍ୱାରା ହୃଦୟ ଉପରେ ପ୍ରଭାବ ପଡିଥାଏ ଏବଂ ତାହା ଚକ୍ଷୁରୁ ଲୁହ ଝରି ପଡିଥାଏ । ହୁଜୁରସ.ଅ ଶୟନ କରିବା ସମୟରେ ଆୟତୁଲ୍ କୁରସୀ ସହିତ ପବିତ୍ର କୁରଆନର ଶେଷ ତିନୋଟି ସୁରଃ ଯଥାକ୍ରମେ ସୁରଃ ଇଖଲାସ୍, ସୁରଃ ଫଲକ୍ ଓ ସୁରଃ ନାସ୍ ଇତ୍ୟାଦି ତିନିଥର ପାଠ କରି ନିଜ ହାତକୁ ଫୁଙ୍କ ମାରୁଥିଲେ ଓ ତାହାକୁ ନିଜ ଶରୀରରେ ବୁଲାଇ ଆଣୁଥିଲେ । ହୁଜୁର ନିଜ ପବିତ୍ର ହସ୍ତ ଏପରି ବୁଲାଇ ଆଣୁଥିଲେ ଯେ ମୁଣ୍ଡରୁ ଆରମ୍ଭ କରି ଶରୀରର ଯେଉଁ ଅଙ୍ଗ ପର୍ଯ୍ୟନ୍ତ ହାତ ପହଞ୍ଚିପାରୁ ଥିଲା ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କହିଲେ; କେତେକ ଲୋକ ପଚାରି ଦେଇଥା'ନ୍ତି ଯେ ଆମକୁ କୌଣସି ଛୋଟ ଦୁଆ ବତାଇ ଦିଅନ୍ତୁ । କୌଣସି ଶ୍ଳୋକର ଜପ କରିବା ଶିଖାଇ ଦିଅନ୍ତୁ ଯାହା ଆବୃତ୍ତି କଲେ ଆମ ଅନ୍ତରରେ ପୁଣ୍ୟ ଉତ୍ପନ୍ନ ହୋଇଯିବ ଓ ଆମ ପାପ ମଧ୍ୟ ଦୂରେଇଯିବ ଏବଂ ଆମ କାମ (ଉଦ୍ଦେଶ୍ୟ ପୂର୍ତ୍ତି) ମଧ୍ୟ ହୋଇଯିବ ତଥା ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ବି ହାସଲ ହୋଇଯିବ । ତେବେ ଏଥିସଂକ୍ରାନ୍ତରେ ପ୍ରଥମ କଥା

ହେଉଛି ଉପାସନା କରିବା ଅର୍ଥାତ୍ ନମାଜ ଯାହାକି ଅନିବାର୍ଯ୍ୟ । ତା'ପରେ ଜିକ୍‌ରେ ଇଲାହି (ଈଶ୍ୱରଙ୍କର ଜପ କରିବା, ଗୁଣଗାନ କରିବା), ହଁ ଜିକର୍ ମନୁଷ୍ୟଙ୍କୁ ସତ୍‌କର୍ମ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ କରିଥାଏ । ଏଥି ସହିତ ଅନ୍ୟ ଚାରିତ୍ରିକ ଓ ନୈତିକ କର୍ମ ସମ୍ପାଦନ କରିବା ମଧ୍ୟ ଜରୁରୀ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ତ ଜୋତା ପରିଧାନ କରି ନମାଜ ପାଠ କରିନେଉଥିଲେ । ଅର୍ଥାତ୍ ଯେଉଁ ସ୍ଥଳେ ସହଜତା ଅନୁଭବ କରୁଥିଲେ ସେତେବେଳେ ସେହି ପନ୍ଥା ଅବଲମ୍ବନ କରି ନେଉଥିଲେ । ସୁତରାଂ ଯଦି ଜୋତା ସଫା ସୁତୁରା ଥାଏ ଓ (ଖାଲି ପାଦରେ ନମାଜ ପାଠ କଲେ) ଅପରିଷ୍କାର ହେବାର ଆଶଙ୍କା ରହିଥାଏ ତେବେ ସେପରି ସ୍ଥଳେ ଜୋତା ପିନ୍ଧି ନମାଜ ପାଠ କରିପାରିବେ । ମହାଭାଗ ଏପରି କରି ନିଜ ଅନୁଗାମୀମାନଙ୍କ ଉପରେ ଏକ ମହୋପକାର କରିଛନ୍ତି, ଯେ ଆସନ୍ତା ପାଇଁ କଷ୍ଟଦେବା ଓ ମନଗଢ଼ା (କୁପ୍ରଥା)ରୁ ଉଦ୍ଧାର କରିନେଲେ । ହୁଜୁର[ସ.ଅ] ସାମୂହିକ ନମାଜ ପାଠ କରିବାର ବିଶେଷ ଆୟୋଜନ କରୁଥିଲେ ଯେ ଏକଦା ମହାଭାଗଙ୍କ ନିକଟକୁ ଜଣେ ଦୃଷ୍ଟିହୀନ ବ୍ୟକ୍ତି ଆସିଲେ ଓ ସେ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ମୋ ଘର ମସଜିଦ୍ ଠାରୁ ବହୁ ଦୂରରେ ଅବସ୍ଥିତ । ଆଉ ମୋତେ ମସଜିଦ୍‌ରେ ପହଞ୍ଚିବାରେ ଅନେକ କଷ୍ଟ ସହ୍ୟ କରିବାକୁ ପଡୁଅଛି । ତେଣୁ ଯଦି ମହାଭାଗ ଅନୁମତି ଦିଅନ୍ତେ ତେବେ ବର୍ଷା ଦିନମାନଙ୍କରେ ମୁଁ ନିଜ ଘରେ ହିଁ ନମାଜ ପାଠ କରିନିଅନ୍ତି । ଏଥିରେ ହୁଜୁର[ସ.ଅ] ଉତ୍ତର ଦେଲେ, ଠିକ୍ ଅଛି । ନିଜ ଘରେ ନମାଜ ପାଠ କରିନିଅ । ତା'ପରେ ସେ ଚାଲିଗଲେ, କିଛିକ୍ଷଣ ପରେ ହୁଜୁର[ସ.ଅ] ସାହାବାଙ୍କୁ କହିଲେ; ଟିକେ ତାଙ୍କୁ ଡ଼ାକି ଆଣ, ଯେତେବେଳେ ସେ ଆସିଲେ ପୁଣ୍ୟଶ୍ଳୋକ ତାଙ୍କୁ କହିଲେ; କ'ଣ ତୁମ ଘରେ ଅଜାନ୍‌ର ସ୍ୱର ପହଞ୍ଚି ଯାଉଛି ? ସେ ଉତ୍ତର ଦେଲେ, ଆଜ୍ଞା ହଁ, ଅଜାନ୍‌ର ସ୍ୱର ତ ପହଞ୍ଚି ଯାଉଛି । ଏଥିରେ ହୁଜୁର[ସ.ଅ] କହିଲେ; ଯଦି ଅଜାନ୍‌ର ସ୍ୱର ପହଞ୍ଚି ଯାଉଛି ତେବେ ମସଜିଦ୍‌କୁ ଆସି (ସାମୂହିକ) ନମାଜରେ ସାମିଲ ହୁଅ । ଅଲ୍ଲାଃତାଲା ଆମମାନଙ୍କୁ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଉତ୍ତମ ନମୁନାର ଅନୁକରଣ କରିବାକୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

6th February 2026

*Translated to Odia by :* Moulavi Anwar Ahmad Khan